# ବଜାର

“ "ଆରେ , ଏଇଟା ସଜ ନା ବାସି ?''

“ "ଏକଦମ୍ ସଜ, ଆଜ୍ଞା । ଏଇନା ପ୍ରା' ଆସି ପହଞ୍ଚିଲା , ଦେଖୁ ନାଆଁନ୍ତି, କେମିତିକା ମାଲ'', ଗାଲିସି ଟେକି ଦେଖାଇଦେଲା ମାଛବାଲା, “ "ପଦ୍ମାନଈ ଇଲିଶି ଆଜ୍ଞା, ଏମିତି ସେମିତି ନୁହେଁ ।''

“ "ଇଏ ତ କ'ଣ ଏମିତି ଦିଶୁଛି ? ନାଲି ଦିଶୁନି ତ !''

“ "ଇଲିଶି ଗାଲିସି ନାଲି ନୁହେଁ ଆଜ୍ଞା , ଇଏ କ'ଣ ଇଞ୍ଜେକ୍‌ସନ୍ ଦିଆ ରୋହି ମିରିକାଳି ହୋଇଛି । ସିଧା ପଦ୍ମାଇଲିଶି – ଯ୍ୟା ଗାଲିସି ଏମିତି ମାଟିଆ । ଯେତେ ମାଟିଆ, ସେତେ ସଜ ।''

“ "ହଉ ହଉ, କହ କିଲୋ କେତେ ? ଏବେ ତ ହାଙ୍କିବୁ କାହିଁରେ କ'ଣ ?''

“ "ଆଜ୍ଞା, ପୂରା ଦୁଇଶ ।''

“ "କ'ଣ ହେଲା ? ଦୁଇ ଶହ ! ମାଛ ନା ସୁନା ?''

“ "ଆଜ୍ଞା ଏଭଳିଆ ମାଛକୁ ବେଶି ହୋଇଗଲା ? ହାଟସାରା ଖୋଜି ଆସୁନାହାନ୍ତି, କୋଉଠି ଏମିତିଆ ମିଳିବ ନାହିଁ । ଆଉ ଆଜିକାଲି ତ ରେଟ୍ ଏଇଆ ଚାଲୁଛି ।''

ଏଇଠି ହାରିଗଲା ସଞ୍ଜୟ, ସତେ ତ ! ମାର୍କେଟ୍‌ରେ କୋଉ ଜିନିଷର କ'ଣ ଭାଉ, ସେ କୋଉ ଜାଣିଛି ? ଆଜି ହଠାତ୍ ସକାଳୁ ଇଚ୍ଛା ହେଲା, ଇଲିଶି ଝୋଳ ଖାଇବା ପାଇଁ, ପୁଣି ମନହେଲା ନିଜେ ଯାଇ ହାଟରୁ ଆଣିବାକୁ ,ସେଥିଯୋଗୁଁ ସେ ଚାଲିଆସିଲା । ପିଅନ ନ ହେଲେ ସବୁ ସଉଦା କରେ । ମୀରା ସେକଥା ବୁଝେ । ମାସକୁ ମାସ ଘର ଖର୍ଚ୍ଚ ମୀରାକୁ ଧରାଇଦେଲେ ତା' କାମ ଶେଷ । ଅବଶ୍ୟ ବେଳେବେଳେ ହିସାବ ମାଗେ ସେ – ଯେତେବେଳେ ମଙ୍ଗସର କୋଡିଏ ତାରିଖ ଦିନ ମୀରା ଆଉ ଥରେ ପାଞ୍ଚ ଛଅ ହଜାର ଟଙ୍କା ମାଗେ – ଏଇ କାଲିଭଳି । ଲିଷ୍ଟରେ କେତେଟା ପାଞ୍ଚ୍ ଜାଗାରେ ପଚିଶ ଖର୍ଚ୍ଚର ହିସାବ ଲେଖାଥିବା ଜାଣିପାରିଲା ସଞ୍ଜୟ । ପଚାରିଲା ମୀରାକୁ । ମୀରା ଧମକ୍‌ଟେ ଦେଇକି ମୁହଁ ବନ୍ଦ କରିଦେଲା ତା'ର – “ "ଆଜିକାଲି ଜିନିଷପତ୍ରର ଦାମ୍ କେତେ ହେଲାଣି, କିଛି ଖବର ରଖୁଛ ? ପଇସା କିଛି ଧରେଇ ଦେଲେ କାମ ସରିଗଲା, ଭାବିଛ ? ମୁଁ କେତେ କ'ଣ ମ୍ୟାନେଜ୍ କରୁଛି, ତୁମେ ଜାଣ କିଛି ? ଠିକ୍ ଟାଇମ୍‌ରେ ଚା', ଜଳଖିଆ ମିଳିଯାଉଛି, ଲଞ୍ଚ୍ ହଟ୍‌କେଶ୍‌ରେ ଭର୍ତ୍ତି ହୋଇ ଅଫିସ୍‌ରେ ପହଞ୍ଚିଯାଉଛି । ବନ୍ଧୁ, ବାନ୍ଧବ, କୁଣିଆ, ମଇତ୍ର ଘରେ ଆସି ଭିଡ ଜମେଇ ଖାଇ ପିଇ ଯାଉଛନ୍ତି – ହୋଟେଲ୍ ଭଳିଆ ରହିଛ ତୁମେ; କହିବନି କାହିଁକି ? ମନ୍‌ଜିତ୍ ଦେଖାଇ କାଲି ଆଣି କୋଡିଏ ହଜାର ଟଙ୍କା ଦେଇଯାଇଛି, ମୁଁ କ'ଣ ଜାଣିନି ଭାବିଛ ? ସେଥିରୁ କ'ଣ କିଛି ଦେଇପାରନ୍ତ ନାହିଁ ? ନ ହେଲା ଏବେ ଛଅ ହଜାର, ଚାରିହଜାର ତ ଦେଇପାରନ୍ତ । ଏତେ କଥା କହୁଛ ? ସମ୍ଭାଳ ନିଜେ ହିସାବ ଏଥର, ଘର ଖର୍ଚ୍ଚ ସବୁ ।''

ତ୍ରାହି ତ୍ରାହି ଡାକିଥିଲା ସଞ୍ଜୟ ମନେମନେ । କ'ଣ ପାଇଁ ସେ ହିସାବ ମାଗୁଥିଲା ? ପଇସା ତ ଆସୁଛି, ଖର୍ଚ୍ଚ ହେଉଛି, କ'ଣ ଦରକାର ଥିଲା ଏତକ ଶୁଣିବା ?

କିନ୍ତୁ ହାରିଯିବାଟା ତ ଆଉ ଦିଶିଯିବା କଥା ନୁହେଁ । ପୁଣି ଇଲିଶି ନେଇକି ଯିବାର ଅଛି ।

“ "ହଉ, ହଉ, ଦେ, ଶହେ ପଚସ୍ତରୀରେ - ଆଉ ତ କମେଇବୁନି । କେତେ ଓଜନ ହେବ କହ -''

“ "ଦୁଇ କିଲେ ତ, ଶହେଟା ପୁଣି କୋଉଠୁ ଆସିଲା ? ଶହେ ପଚସ୍ତରୀରେ ଦେବୁ ଯଦି ଦେ, ନ ହେଲେ ନାହିଁ । ମାଛ ଗୋଟାକୁ ହେଲାଣି ତିନିଶ' ପଚାଶ, ଆଉ କେତେ ଦେବ ମଣିଷ ?''

“"ଚାଳିଶ'ରୁ ପଇସାଟିଏ କମ୍ ହେବନି ଆଜ୍ଞା'', ବର୍ଷିର ପଲାରୁ ମାଛଟାକୁ ଉଠାଇ ଆଣି ଯଥାସ୍ଥାନରେ ରଖିଦେଲା ମାଛବାଲା ଓ ଏମିତି ନିର୍ଲିପ୍ତ ମୁହଁକରି ବସିଗଲା, ଯେମିତି ମାଛ ତା'ର ବିକିବାର ନାହିଁ ଜମାରୁ ।

“"ହଉ, ନ ଦେବୁ ଯଦି . . .'' ମାଛବାଲାକୁ ପଛ କରି ଦି ' ତିନି ପାଦୁଣ୍ଡ ଆଗକୁ ବଢ଼ିଲା ସଞ୍ଜୟ ।

“"ହଉ ବାବୁ, ଶହେ ନବେ କରୁଛି ଏଇ ଲାଷ୍ଟ । ନବ ଯଦି ନିଅ; ନ ହେଲେ ନାହିଁ,'' ପଛରୁ ପାଟିକଲା ମାଛବାଲା ।

“"ଓଠ ଚିପି ସନ୍ତୋଷରେ ହସ ହସିଲା ସଞ୍ଜୟ । ଠିକ୍ ଟେକ୍‌ନିକ୍ ଜଣା ତାକୁ । ଭୁଲି ନାହିଁ ସେ ।''

“"ଶହେ ପଚସ୍ତରୀ ହିଁ ଦେବି, ଅଧିକା ନୁହେଁ ।''

“"ବାବୁ, ଶହେ ନବେ ଆପଣଙ୍କ ପାଇଁ କରୁଛି - ଆଉ କାହାକୁ ହେଲେ କହି ନ ଥାନ୍ତି । ଆପଣ ପହିଲି ଗରାଖ ତ '' — ମାଛବାଲା ପୁଣି ନିରାସକ୍ତ ଭାବରେ ସଞ୍ଜୟ ଆଡୁ ମୁହଁ ଫେରାଇ ଆଉ ଜଣେ ଲୋକପାଇଁ ମହୁରାଳୀ ଅଢ଼େଇଶ' ଓଜନ କରିବାକୁ ଲାଗିଲା ଓ ଆଖି କଣରେ ସଞ୍ଜୟକୁ ଲକ୍ଷ୍ୟ କରୁଥିଲା ।

ସାମାନ୍ୟ କୁଣ୍ଠିତ ହେଇ ଠିଆ ହେଲା ସଞ୍ଜୟ । ମାଛ ଗୋଟାକୁ ସାଢ଼େ ତିନିଶ ପର୍ଯ୍ୟନ୍ତ ଦେବାକୁ ରାଜି ଅଛି ସେ, ଏ ବଦମାସ ମାଛବାଲା ସେତକରେ ବି ରାଜି ହେଉ ନାହିଁ ! କ'ଣ କରିବ ? ଏତେ କଷ୍ଟ କରି ଆସିଛି, ଦାନ୍ତ ଘଷି ନାହିଁ କି ବାଥରୁମ୍ ଯାଇ ନାହିଁ । ଆଜି ଘରକୁ ଲଞ୍ଚରେ ଆସି ଭାତ ମାଛ ଖାଇବ ବୋଲି କହିଆସିଛି । ମାଛଟା ବି ବଡ ଲୋଭନୀୟ ଦିଶୁଛି — ବଡ ମାଛ ଭଲ ସ୍ୱାଦ ହୋଇଥିବ । ଛାଡ ! ଆଉ ଟଙ୍କା ତିରିଶ ଚାଳିଶଟା ପାଇଁ କେତେ ଦିକ୍‌ଦିକି ହେବ !

“"ଛାଡ, ତମମାନଙ୍କର ତ ଯୁଗ, ହଉ ଦେ', କାଟି ଦେ- ପିତ୍ତ କାଟିବନି ଯେମିତି । ବେଶି ଛୋଟ ଛୋଟ ଖଣ୍ଡ କରିବୁନି ।''

“"ଇଲିଶି ମାଛରେ କି ପିତ୍ତ ଆଜ୍ଞା ! ଖାଇଲେ ଜାଣିବେ, କେମିତିଆ ଚିଜ ।''

“"ଆଉ ଯଦି ଖରାପ ପଡିଲା ?''

“"ଏଇଠି ଆଣି ଫେରେଇ ଦେଇ ଯିବେ — ରାଣ୍ଡିସାରି ନାଧ । ମୁଁ ବହୁଦିନିଆ ଲୋକ ଆଜ୍ଞା- ଠକା ଠକି ମୋର ନାହିଁ - ବେପାର ବୁଡିଯିବ ନାହିଁ ।''

ଘରେ ପହଞ୍ଚିଲା ବେଳକୁ ଝାଳରେ ଅଧାଅଧି ଗାଧୋଇ ପଡିଥିଲା ସଞ୍ଜୟ । ସାଧାରଣତଃ ଏତେବେଳେ ସେ ଘର ଭିତରେ ଥାଏ - ନିତ୍ୟକର୍ମ ସାରୁଥାଏ ଓ ତରତର ହେଇ ଅଫିସ ଯିବା ଲାଗି ପ୍ରସ୍ତୁତ ହେଉଥାଏ । ଆଜି ଡେରି ହେଇଗଲାଣି । ଦି' ତିନିଜଣ କିଏ ଦାଣ୍ଡ ବାରଣ୍ଡାରେ ବସିଛନ୍ତି । ନିଶ୍ଚୟ କିଛି ଅଣଚୁଆ କାମରେ ଆସିଥିବେ —ମଳିମୁଣ୍ଡିଆ ବି ଲାଗୁଛନ୍ତି - ଏମାନଙ୍କ ଦ୍ୱାରା ତ ଶାଗ ସିଝିବ ନାହିଁ । ଦାଣ୍ଡପଟ ଆଡେଇ ପଛପଟ ଦୁଆର ଦେଇ ଅଗଣା ଭିତରକୁ ପଶିଲା ସଞ୍ଜୟ ।

“"ମୀରା ! ଦେଖିଲଣି, କେମିତି ମାଛଟାଏ ଆଣିଛି ଦେଖ !''

“"ହଁ, ଗଡରେ ତ ଚିଡିଛ ! ମଲା, ଏଇଟା ତ ଜମା ଫ୍ରେସ୍ ଦିଶୁନାହିଁ ।''

“"ଦିଶୁନାହିଁ ! ଏକଦମ୍ ସଦ୍ୟମାଛ । ପଇସା ନ ହେଲେ ଫେରେଇ ଦେବ ବୋଲି କହିଛି ସେ ମାଛବାଲା ।'' ସଞ୍ଜୟ କହି କହି ଅଗଣା ଟ୍ୟାପ୍ ପାଖରେ ମାଛ ଧୋଇବାକୁ ବସି ଯାଉଥିବା ମିଧୁକୁ ଡାକିଲା ।

“"ଶୁଣ୍, ସେମାନେ କିଏ ଆସିଛନ୍ତି ?''

“"ଆଜ୍ଞା, ଦି' ଦିନ ହେଲା ଖୋଜୁଛନ୍ତି, ଆପଣଙ୍କୁ ଅଫିସରେ ପାଉନାହାନ୍ତି — ସେଥିପାଇଁ ଆଜ୍ଞା, ଘରକୁ ଆସିଛନ୍ତି ।''

“"ପାଉ ନାହାନ୍ତି ତ ମୁଁ କ'ଣ କରିବି ? କହ ତାକୁ ଅଫିସରେ ଦେଖା କରିବେ । ମୋତେ କ'ଣ ଏଇଲେ ସମୟ ଅଛି

“ "ଚାରିଶ’ରୁ ପଇସାଟିଏ କମ୍ ହେବନି ଆଜ୍ଞା'', ବଣ୍ଟିର ପଲାରୁ ମାଛଟାକୁ ଉଠାଇ ଆଣି ଯଥାସ୍ଥାନରେ ରଖିଦେଇ ମାଛବାଲା ଓ ଏମିତି ନିର୍ଲିପ୍ତ ମୁହଁକରି ବସିଗଲା, ଯେମିତି ମାଛ ତା’ର ବିକିବାର ନାହିଁ ଜମାରୁ ।

“ "ହଉ, ନ ଦେବୁ ଯଦି . . .'' ମାଛବାଲାକୁ ପଛ କରି ଦି’ ତିନି ପାହୁଣ୍ଡ ଆଗକୁ ବଢ଼ିଲା ସଞ୍ଜୟ ।

“ "ହଉ ବାବୁ, ଶହେ ନବେ କରୁଛି ଏଇ ଲାଷ୍ଟ । ନବ ଯଦି ନିଅ; ନ ହେଲେ ନାହିଁ,'' ପଛରୁ ପାଟିକଲା ମାଛବାଲା ।

“ "ଓଠ ଚିପି ସନ୍ତୋଷରେ ହସ ହସିଲା ସଞ୍ଜୟ । ଠିକ୍ ଟେକ୍‌ନିକ୍ ଜଣା ତାକୁ । ଭୁଲି ନାହିଁ ସେ ।''

“ "ଶହେ ପଚସ୍ତରୀ ହିଁ ଦେବି, ଅଧିକା ନୁହେଁ ।''

“ "ବାବୁ, ଶହେ ନବେ ଆପଣଙ୍କ ପାଇଁ କରୁଛି - ଆଉ କାହାକୁ ହେଲେ କହି ନ ଥାନ୍ତି । ଆପଣ ପହିଲି ଗରାଖ ତ '' — ମାଛବାଲା ପୁଣି ନିରାସକ୍ତ ଭାବରେ ସଞ୍ଜୟ ଆଡୁ ମୁହଁ ଫେରାଇ ଆଉ ଜଣେ ଲୋକପାଇଁ ମହୁରାଳୀ ଅଢ଼େଇଶ’ ଓଜନ କରିବାକୁ ଲାଗିଲା ଓ ଆଖି କଣରେ ସଞ୍ଜୟକୁ ଲକ୍ଷ୍ୟ କରୁଥିଲା ।

ସାମାନ୍ୟ କୁଣ୍ଠିତ ହେଇ ଠିଆ ହେଲା ସଞ୍ଜୟ । ମାଛ ଗୋଟାକୁ ସାଢ଼େ ତିନିଶ ପର୍ଯ୍ୟନ୍ତ ଦେବାକୁ ରାଜି ଅଛି ସେ, ଏ ବଦମାସ ମାଛବାଲା ସେତକରେ ବି ରାଜି ହେଉ ନାହିଁ ! କ’ଣ କରିବ ? ଏତେ କଷ୍ଟ କରି ଆସିଛି, ଦାନ୍ତ ଘଷି ନାହିଁ କି ବାଥରୁମ୍ ଯାଇ ନାହିଁ । ଆଜି ଘରକୁ ଲଞ୍ଚ୍‌ରେ ଆସି ଭାତ ମାଛ ଖାଇବ ବୋଲି କହିଆସିଛି । ମାଛଟା ବି ବଡ ଲୋଭନୀୟ ଦିଶୁଛି — ବଡ ମାଛ ଭଲ ସ୍ୱାଦ ହୋଇଥିବ । ଛାଡ ! ଆଉ ଟଙ୍କା ତିରିଶ ଚାଳିଶଟା ପାଇଁ କେତେ ଚିକିଚିକି ହେବ !

“ "ଛାଡ, ତମମାନଙ୍କର ତ ଯୁଗ, ହଉ ଦେ’, କାଟି ଦେ- ପିଉ କରିବନି ଯେମିତି । ବେଶି ଛୋଟ ଛୋଟ ଖଣ୍ଡ କରିବୁନି ।''

“ "ଇଲିଶି ମାଛରେ କି ପିଉ ଆଜ୍ଞା ! ଖାଇଲେ ଜାଣିବେ, କେମିତିଆ ଚିଜ ।''

“ "ଆଉ ଯଦି ଖରାପ ପଡିଲା ?''

“ "ଏଇଠି ଆଣି ଫେରେଇ ଦେଇ ଯିବେ — ରାଣ୍ଡିସାରି ନାଇ । ମୁଁ ବହୁଦିନିଆ ଲୋକ ଆଜ୍ଞା- ଠକା ଠକି ମୋର ନାହିଁ - ବେଉସା ବୁଡିଯିବ ନାହିଁ ।''

ଘରେ ପହଞ୍ଚିଲା ବେଳକୁ ଝାଳରେ ଅଧାଅଧି ଗାଧୋଇ ପଡିଥିଲା ସଞ୍ଜୟ । ସାଧାରଣତଃ ଏତେବେଳେ ସେ ଘର ଭିତରେ ଥାଏ - ନିତ୍ୟକର୍ମ ସାରୁଥାଏ ଓ ତରତର ହେଇ ଅଫିସ ଯିବା ଲାଗି ପ୍ରସ୍ତୁତ ହେଉଥାଏ । ଆଜି ଡେରି ହେଇଗଲାଣି । ଦି’ ତିନିଜଣ କିଏ ଦାଣ୍ଡ ବାରଣ୍ଡାରେ ବସିଛନ୍ତି । ନିଶ୍ଚୟ କିଛି ଅଣାତୁଆ କାମରେ ଆସିଥିବେ —ମଳିମୁଣ୍ଡିଆ ବି ଲାଗୁଛନ୍ତି - ଏମାନଙ୍କ ଦ୍ୱାରା ତ ଶାଗ ସିଝିବ ନାହିଁ । ଦାଣ୍ଡପଟ ଆଡେଇ ପଛପଟ ଦୁଆର ଦେଇ ଅଗଣା ଭିତରକୁ ପଶିଲା ସଞ୍ଜୟ ।

“ "ମୀରା ଦେଖିଲଣି, କେମିତି ମାଛଟାଏ ଆଣିଛି ଦେଖ !''

“ "ହଁ, ଗଡଟେ ତ ଦିଶୁଛି ! ମଲା, ଏଇଟା ତ ଜମା ଫ୍ରେସ୍ ଦିଶୁନାହିଁ ।''

“ "ଦିଶୁନାହିଁ ! ଏକଦମ୍ ସତମାଛ । ପଇସା ନ ହେଲେ ଫେରେଇ ଦେବ ବୋଲି କହିଛି ସେ ମାଛବାଲା ।'' ସଞ୍ଜୟ କହି କହି ଅଗଣା ଟ୍ୟାପ୍ ପାଖରେ ମାଛ ଧୋଇବାକୁ ବସି ଯାଉଥିବା ନିଧିକୁ ଡାକିଲା ।

“ "ଶୁଣ୍, ସେମାନେ କିଏ ଆସିଛନ୍ତି ?''

“ "ଆଜ୍ଞା, ଦି’ ଦିନ ହେଲା ଖୋଜୁଛନ୍ତି, ଆପଣଙ୍କୁ ଅଫିସରେ ପାଉନାହାନ୍ତି — ସେଥିପାଇଁ ଆଜ୍ଞା, ଘରକୁ ଆସିଛନ୍ତି ।''

“ "ପାଉ ନାହାନ୍ତି ତ ମୁଁ କ’ଣ କରିବି ? କହ ତାଙ୍କୁ ଅଫିସରେ ଦେଖା କରିବେ । ମୋତେ କ’ଣ ଏଇଲେ ସମୟ ଅଛି

“ "ଆଜ୍ଞା ଘଣ୍ଟାଏ ହେଲାଣି ଆସିଲେଣି . . . ''

“ "ହେଲା ଯେ, ଏବେ ତ ହୋଇ ପାରିବନି - ଯା, ଅଫିସକୁ ଆସିବାକୁ କହିଦେବୁ ।''

“ "କେତେବେଳକୁ ସାର୍ ?''

“ "କେତେବେଳେ କେମିତି କହିବି ଏବେଠାରୁ ? କେତେ କ'ଣ ମିଟିଂ ଅଛି ଆଜି – ଏମ୍.ଡି. ବି ଡାକିପାରନ୍ତି । ସେମାନେ ଆସନ୍ତୁ ।''

“ "ଆଜ୍ଞା ଏମାନେ ମୋ ଗାଆଁଲୋକ – ସେଥିପାଇଁ . . . '' ବ୍ରଶ୍‌ରେ ପେଷ୍ଟ ଲଗାଉ ଲଗାଉ ନିଧି ଆଡକୁ ଚାହିଁଲା ସଞ୍ଜୟ, “ "ସେକଥା କହୁଛୁ ? ହଉ ଠିକ୍ ଅଛି, ସେମାନେ ବାରଟା ବେଳକୁ ଆସନ୍ତୁ – ଗୋଟେ ସ୍ଲିପ୍‌ରେ ମୋ ନାଁ ଲେଖି ମୋ ପାଖକୁ ପଠାଇଦେବେ ବୋଲି କହିଦେ ତାଙ୍କୁ ।'' ସଞ୍ଜୟ ବ୍ରଶ୍ କରିବାରେ ମନ ଦେଲା ।

“ "ଆଜି ଭଲ ଜଳଖିଆ ହେଉଛି '' –

“ "ଇଡ୍‌ଲି ତୁମକୁ ଭଲ ଲାଗେ ତ, ସେଥିପାଇଁ . . . ''

ସଞ୍ଜୟ ମୁହଁପୋଛି ଖାଉଥିଲା ।

“ "ତୋତେ କଥା କହିବାର ଥିଲା,'' ମୀରା ଅଳି କରିବାପରି କହିଲା ।

“ "କ'ଣ କୁହ,'' ସଞ୍ଜୟ ଅନ୍ୟମନସ୍କ ଭାବରେ ଉତ୍ତର ଦେଲା ଖାଉ ଖାଉ ଓ ପରମୁହୂର୍ତ୍ତରେ ଚମକି ପଡିଲା - ନିଶ୍ଚୟ ଆହୁରି ପଇସା ଦରକାର ମୀରାର ।

“ "ନାଇଁ ଥାଉ, ଅଫିସ୍‌ରୁ ଫେରି, କହିବି ।''

“ "ଠିକ୍ ଅଛି ।'' ସଞ୍ଜୟ ଏଥର ହାତ ଧୋଇଲା ଓ ତରବର ହୋଇ ପ୍ରସ୍ତୁତ ହେବାରେ ଲାଗିଲା ।

ଅଫିସ୍‌ରେ ପଶୁପଶୁ ଖବର ପାଇଲା ଯେ ଏମ୍.ଡି. ତାଙ୍କୁ ଖୋଜୁଥିଲେ ଓ ସେକ୍ରେଟାରିଏଟ୍ ବାହାରି ଗଲେଣି । ହଉ, ଠିକ୍ ଅଛି, ଖୋଜୁ ବୁଢା - ଆଉଥରେ ଡାକିଲେ ଯାଇ ଯିବା . . . ଗୋଟାଏ ଭ୍ରୂକୁଟିରେ ମନରୁ ଦୂର କରିଦେଲା ଶଙ୍କା ଓ ଟେବୁଲ୍ ଉପରେ ରଖା ଯାଇଥିବା କାଗଜପତ୍ର ଖେଳାଇବାକୁ ଲାଗିଲା ।

“ "ସାର୍, ନବଘନବାବୁ କିଏ –କହୁଛନ୍ତି, କ'ଣ ଅର୍ଜେଣ୍ଟ କାମ ଅଛି ! ଆପଣଙ୍କର ପିଲା ଦିନର ସାଙ୍ଗ ବୋଲି କହୁଛନ୍ତି ।'' ବିରକ୍ତିରେ ହାତ ହଲାଉ ହଲାଉ ରହିଗଲା ସେ । ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଖୋଲିବା ଆରମ୍ଭ କରି ସାରିଥିଲା ସେ । ନବଘନ କୁଆଡେ ଆସିଛି ? ଟାଉଟରଟାଏ, କିନ୍ତୁ ଚତୁର ! ଦେଖାଯାଉ, କ'ଣ କାମ ତା'ର ?

“ "କ'ଣ ଚରିତ-ଗୁରୁବା ସାଙ୍ଗସାଥୀଙ୍କୁ ଭୁଲିଗଲୁ ?ଏଇଆ ତା'ହେଲେ ତୁଏ , ହାକିମ ହୋଇଗଲେ !'' ଯଥାସମ୍ଭବ ଅଭିମାନିଆ ସ୍ୱରରେ କହି କହି ଭିତରକୁ ପଶି ଆସିଲା ନବଘନ - ଏକଦମ୍ ଟେବୁଲ କଡରେ ବୁଲିପଡି ହାତ ମେଲେଇ ମାଡି ଆସୁଥିଲା ।

“ "ବସ୍ ବସ ଏଇଠି,'' ଟେବୁଲ୍ ସାମ୍ନାରେ ପଡିଥିବା ଚଉକି ଆଡକୁ ଠାରିଲା ତାକୁ ସଞ୍ଜୟ । ଦିନେ ନାହିଁ, କାଲେ ନାହିଁ, ହଠାତ୍ ମାଡିଆସୁଛି ଟେବୁଲ୍ ପାଖକୁ କୁଣ୍ଢେଇ ଧରିବାକୁ ! କିଏ ଜାଣେ, କି କାମରେ ଆସିଥିବ ! ସଞ୍ଜୟ ମନେ ମନେ ଚିଡି ଯାଉଥିଲା ।

“ "ଆମ ଗାଁ ସାଧୁ ମିଶ୍ରର ପୁଅ ନବୀନର ଫାଇଲ୍‌ଟା ରହିଯାଇଛି ନ ତୋ' ପାଖରେ – ଟଙ୍କା ପଇସା କିଛି ମିଳି ନାହିଁ

ତାଙ୍କୁ ।"

ନବଘନ କାମ ବିଷୟରେ ଏମିତି ସିଧାସିଧି କଥା ହେବ ବୋଲି ସଞ୍ଜୟ ଭାବି ନଥିଲା ଓ ଆଶ୍ବସ୍ତ ମଧ୍ୟ ହେଲା ।

"କ'ଣ ହେଲା ତା' ଫାଇଲ୍‌ର ? ନିଶ୍ଚେ କିଛି ଗଡବଡ ଥିବ ! ନ ହେଲେ କାହିଁକି ଗଡନ୍ତା ?"

"ନାଇଁ, ସେମିତି କିଛି ନୁହେଁ । ବାରମ୍ବାର କହିଲିଣି ତାଙ୍କୁ, ତୁ ନିଜେ ଯାଆ, ସଞ୍ଜୟ ଭାରି ଭଲ ଲୋକ, ମୋ ପରିଚୟ ଦେବୁ, ତୋ କଥା ନିଶ୍ଚୟ ବୁଝିବ । କିନ୍ତୁ ସେ ଡରୁଛି ପରା, ଲଜେଇଛି; କହେଇ, ତୁମେ ଯାଅ । ଆଜି ଭୋରରୁ ଆସି ପିଣ୍ଡାରେ ବସିଲା; ନ ଗଲେ ହେବନି ! ଟିକେ ମଗା ଭାଇ, ଦେଖେ । ପିଲାଟାର ଏବେ ପଇସାପତ୍ର ନାହିଁ । ଆଉ ଦି' ତିନି ବର୍ଷରେ ଉଧେଇ ଯିବ ନାହିଁ ? ଯେ ତୋତେ ଲୁଚୁଛି ସେ ସେଥିପାଇଁ । ତମ ବଡବାବୁ ତାଙ୍କୁ ଡକେଇଥିଲେ । କହୁଛି, କହେଇ ପଇସାପତ୍ର ତ କିଛି ନାହିଁ, ଚୁଙ୍ଗାଟାରେ ଯାଇ କାଇଁକି ସେ ଅଫିସରେ ମୁହଁ ଦେଖେଇବି ?"

ଆହୁରି ଚିଡିଗଲା ସଞ୍ଜୟ ମନେ ମନେ । ଶଳା, ଆସିଛି, ଚିକ୍‌କଣ କଥା କହି କାମ କରେଇ ନେବାପାଇଁ । କମ୍ପ୍ୟୁଟର ପାଖରେ ପୁଣି ପଇସା ନାହିଁ । ନବଘନ ନିଶ୍ଚୟ ତାଠୁଁ ଭଲରକମ ପକାଇଥିବ ।

"ହଉ, ନହେଲା ନାହିଁ । ଏ ଗରିବ ସାଙ୍ଗଟାକୁ ମନେ ରଖିଥିବୁ । ଆଉ ଦି'ତିନି ମାସରେ ତ ନବୀନ ନିଜେ ଆସିବ, ତା' ନିଜ କଥା ସେ ନିଜେ ବୁଝୁ ।" ନବଘନ ତାଙ୍କୁ ନିରୀକ୍ଷଣ କରି କରି କହିଲା ଓ ଚଉକି ଛାଡି ଉଠିଲା ।

ସଞ୍ଜୟ ଏତେ ବିରକ୍ତ ହୋଇଯାଇଥିଲା ଯେ, ତାଙ୍କୁ ତା' ମଧ୍ୟ ଅ'ର୍ କଲା ନାହିଁ । ନବଘନ ରୁମ୍ ବାହାରକୁ ନ ଯାଉଣୁ ବଡବାବୁ ପଶିଆସିଲେ ।

"ସାର୍, ସେଇ ଝିଅ, ଡାଟା ଏଣ୍ଟ୍ରି ପାଇଁ ଯିଏ ରହିବେ ବୋଲି . . . ଟେଲିଫୋନ୍‌ରେ, ସେ ଆସିଛନ୍ତି – ସରିତା ମହାନ୍ତି । ଆପଣଙ୍କୁ ଟିକିଏ ଦେଖା କରିବେ, କହୁଛନ୍ତି ।"

ଟିକିଏ ଭୃରୁ କୁଞ୍ଚେଇଲା ସଞ୍ଜୟ, "ଯେ, ପାଖରେ ତ ଟିକିଏ ହେଲେ ସମୟ ନାହିଁ । ହଉ, ଡାକ ତାଙ୍କୁ ପାଞ୍ଚମିନିଟ୍ ପାଇଁ" – ମନେ ମନେ ଆମୋଦିତ ହେଉଥିଲା ସଞ୍ଜୟ, ବଡବାବୁ ସରିତା ମହାନ୍ତିଙ୍କୁ "ତୁମେ' କହୁଥିବାର ଶୁଣି ।

"ସାର୍, ଅଫା ଆଉ ଭାଇ କହୁଥିଲେ ଯଦି ଗେଷ୍ଟ ହାଉସ୍‌ରେ ଟିକିଏ ଜାଗା ହୁଅନ୍ତା ରହିବାକୁ, ଭଲ ହୁଅନ୍ତା । ପ୍ରତିଦିନ ତିରିଶ କିଲୋମିଟର ଯିବା ଆସିବା କରିବାକୁ କଷ୍ଟ ହେଉଛି ।" ସରିତା ଶାନ୍ତ ନିରୀହ ଭାବରେ କହିଲା – ତା' ମୁହଁରେ ଟେଣା ଭରି ରହିଥିଲା ।

"ମୁଁ ଦେଖେ, କ'ଣ ହେଇପାରୁଛି । ସବୁବେଳେ ତ ଗେଷ୍ଟ ହାଉସ୍ ଖାଲି ନ ଥାଏ । ତୁମେ ଝିଅପିଲା, ଏକୁଟିଆ କ'ଣ ରହିପାରିବ ?" ସଞ୍ଜୟ ଟିକିଏ ନିରେଖି ଚାହିଁଲା ତାଙ୍କୁ । ମନ୍ଦ ନୁହେଁ ଦେଖିବାପାଇଁ – ସୌନ୍ଦର୍ଯ୍ୟ ଅପେକ୍ଷା ଯୌବନ ଅଧିକ ସତେଜ କରିଛି ତାଙ୍କୁ । ଫିକା ଗୋଲାପି ରଙ୍ଗର ସାଲ୍‌ଓ୍ବାର୍-କମିଜ୍ ପିନ୍ଧିଛି । ପାଞ୍ଚଦିନ ହେଲା ତା' ଅଫିସ୍‌ରେ ରହିଲାଣି । ଗଲାଥର ଢେଙ୍କାନାଳ ଟୁର୍‌ରେ ଆସି ନିଜେ ନିଜେ ଦେଖା କରିଥିଲା । ସବୁକିଛି କରିପାରିବ, ବି.ଏ.ପାସ୍ କରିଛି ଓ କମ୍ପ୍ୟୁଟର ଡାଟା ଏଣ୍ଟ୍ରି କୋର୍ସ କରିଛି ବୋଲି କହିଲା । ବହୁତ ଅନୁନୟ ବିନୟ ହୋଇ କହିଲା ଯେ, ଚାକିରିଟିଏ ଦରକାର ତା'ର ଯେମିତି ହେଲେ ପ୍ରଥମେ ଟେଲିଫୋନ୍‌ରେ ହେଉ ପଛେ । ସଞ୍ଜୟ ତ ପ୍ରଥମେ ଅବାକ୍ ହେଲା, ନିଜେ ନିଜେ ଯୁବତୀ ଝିଅଟିଏ ଆସି କହୁଛି, ସବୁ କିଛି କରିପାରିବ । କେମିତି ଗୋଟାଏ ମୋହରେ "ଭୁବନେଶ୍ବର ଆସି ଦେଖାକର" ବୋଲି କହିଦେଲା ତାଙ୍କୁ, ଯଦିଓ ସେ ଜାଣିଥିଲା ଯେ ଚାକିରିଟିଏ ଦେଇପାରିବା ତା' ସାଧ୍ୟ ବାହାରେ । ତେବେ ଅନ୍ତତଃ ଏମିତି ଏଇଲେ ଟେଲିଫୋନ୍‌ରେ ରଖୁ, ପରେ ଦେଖାଯିବ ।

"ପାରିବି ସାର୍ । କିଛି ପ୍ରବ୍‌ଲେମ୍ ନାହିଁ ।" ସରିତା ଦୃଢ଼ ଭାବରେ କହିଲା ।

“"ଥ୍ୟାଙ୍କ୍ ୟୁ ସାର୍, ଥ୍ୟାଙ୍କ ୟୁ ଭେରି ମଚ୍'' ! ମୁରୁକି ହସିଦେଲା ସରିତା ଓ ଲୀଳାୟିତ ଭଙ୍ଗୀରେ ଟେବୁଲ୍ ଉପରୁ ହାତ ଉଠେଇ ନେଇ ଝୁଲିପଡିଲା ।

- ଭାରି ଚାଲାକି ତ କଲା ଟୋକୀଝଣ୍ଡକ ! ଏମିତି ମାରିନେବାର ବ୍ୟବସ୍ଥା କରିଛି କି ? ସଞ୍ଜୟ ଭାବୁଥିଲା ।

“"ହଁ ସରିତା , ଶୁଣ, ପଅରଦିନ ଟୁର୍ ଅଛି, ଚିଲିକା ପାଖାପାଖି, ତୁମେ ଚାଲ, ଷ୍ଟେନୋ ତ ଆହୁରି ପାଞ୍ଚଦିନ ଛୁଟିରେ ଅଛି ।''

“"ନୋ ପ୍ରବଲେମ୍ ସାର୍ । ଟାଇମ୍‌ଟା ଟିକିଏ ଜାଣନ୍ତି ।''

“"ପଅରଦିନ ସକାଳ ନଅଟାବେଳେ ଡ୍ରାଇଭର ତୁମକୁ ଗେଷ୍ଟ ହାଉସ୍‌ରୁ ପିକ୍‌ଅପ୍ କରିବ । ମୁଁ ତ ଅଫିସ୍‌ରୁ ଫାଇଲ ନେଇ ଯିବି ।''

“"ଅଲ୍‌ରାଇଟ୍ ସାର୍ ।'' ପୁଣି ଥରେ ନମସ୍କାର କରି ସରିତା ମହାନ୍ତି, ଛନ୍ଦାୟିତ ଗତିରେ ଆଉଜା କବାଟ ଖୋଲି ବାହାରି ଗଲା । ତା'ର ପଛପଟକୁ ଚାହିଁ ମୁରୁକି ହସିଲା ସଞ୍ଜୟ ଓ ମନେ ମନେ ଭାବିଲା ଦେଖାଯାଉ ।

“"କଥାଟେ କହିବି ବୋଲି କହିଥିଲି ଯେ - କ'ଣ ଭୁଲିଗଲ ? ଆଉ ପଚାରୁନ ତ ?'' ଗେହ୍ଲାଳିଆ ସ୍ୱରରେ ନୀରା କହିଲା ।

“"କ'ଣ କୁହ,'' ସଞ୍ଜୟର ଅନାଗ୍ରହ ଉତ୍ତର ଥିଲା । ଡାଇନିଂ ଟେବୁଲ୍‌ରେ ସେତେବେଳକୁ ଲୁଚି ତରକାରି ବଢ଼ାହୋଇ ସାରିଥିଲା ।

“"ଆଜି ଚିଠି ପହଞ୍ଚିଛି ମାଆଠାରୁ,'' ସଞ୍ଜୟ ଆଖିରେ ଆଖି ରଖି ନୀରା କହିଲା, “"ତଳିପେଟ ଭାରି ବିନ୍ଧୁଛି ତା'ର । ଉଠି ବସିପାରୁନାହିଁ । ସେଇଠି ହୋମିଓପ୍ୟାଥି ଖାଉଛି ଦୁଇମାସ ହେଲା, କିଛି ଲାଭ ନାହିଁ । କିଏ ଜାଣେ, କାଳେ ଟ୍ୟୁମର ଫ୍ୟୁମର ହୋଇଥିବ.'' ଏକ ନିଃଶ୍ୱାସରେ କହିଗଲା ନୀରା । ସଞ୍ଜୟ କୌଣସି ପ୍ରତିକ୍ରିୟା ପ୍ରକାଶ କଲା ନାହିଁ । “"ତାକୁ ଏଇ ରବିବାର ଏଠିକି ଆଣନ୍ତେନି ?'' ଅଳି କଲା ନୀରା, “"କ'ଣ କରିବା ? କେହି ତ ଆଉ ନାହାନ୍ତି ଏଠି । ତା'ର ସାହା-ଭରସା ହେଲ ତୁମେ । ଟିକିଏ ଟେଷ୍ଟଗୁଡା କରିଦିଅନ୍ତେ, ମାସେ ଖଣ୍ଡେ ରହନ୍ତା ।''

“"ତୁମ ଭାଇକୁ ଖବର ଦେଉନ, ଦିଲ୍ଲୀରେ ବେଶୀ ଭଲ ଡାକ୍ତର ଅଛନ୍ତି –ଟେଷ୍ଟ ସବୁ ସୁବିଧାରେ ହେବ । ପ୍ରକୃତ ରୋଗ ବି ଜଣା ପଡିଯିବ ।'' ଧୀର ସ୍ଥିର ଭାବରେ ଉତ୍ତର ଦେଲା ସଞ୍ଜୟ ।

“"ମାଆ ଏଇଥିବି ଲେଖିଛି ଯେ, ଭାଇକୁ ଦୁଇ ଦୁଇଟା ଚିଠି ଦେଲାଣି, କୌଣସି ଉତ୍ତର ନାହିଁ । ଆମର ଏଇଠି କେତେଟା ଟେଷ୍ଟ ତ ମାଗଣା ହେଇଯିବ । ସେମିତି କିଛି ଅସୁବିଧା ହେବନି - ମାସକର ତ କଥା ।''

“"ଦେଖ, ମାସେ ଛ'ମାସ କଥା ମୁଁ କହୁନାହିଁ, କଥା କ'ଣ କି, ଆଜିକାଲି ଡାକ୍ତର କାମ ଛୁଇଁଲେ ପଇସା -- ଦେଖେଇବାଟ ଠର ମାଗଣା ହୋଇଯାଇପାରେ, କିନ୍ତୁ ଟେଷ୍ଟଗୁଡା ଓ ତା' ପରର ଔଷଧ ଟ୍ରିଟମେଣ୍ଟ କିଛି କମ୍ ଖର୍ଚ୍ଚ ନୁହେଁ, ବୁଝିଲ ? ଦଶ ବାର ହଜାର ମିନିମମ୍ ।'

“"ମୁଁ କ'ଣ ଜାଣୁ ନାହିଁ ? କ'ଣ କରିବା ? ମାଆଟା ଯେତେବେଳେ, କରିବା କଥା ତ । ମୋ ପାଖରେ ବି କିଛି ପଇସା ଅଛି ଯେ ।'' ନୀରା ଆଖି ଛଳ ଛଳ କଲା ।

“"ଆରେ, ନାଇଁ ନାଇଁ, ମୁଁ କ'ଣ ତୁମ ପଇସା କଥା କହୁଛି ? ଭାଇକୁ ଲେଖ, ଏମିତି ସିରିଅସ୍ ହେଉଛି, ଯଦି ନେଇ

ନ ପାରିବେ ଅନ୍ତତଃ ଦଶହଜାର ଟଙ୍କା ପଠାନ୍ତୁ । ଅଭାବ ତ ନାହିଁ ତାଙ୍କର । ଆମେ ଯଦି ସବୁ ଦାୟିତ୍ୱ ନେବା, ସେ ଟଙ୍କା କିଛି ତ ଦେବା ଉଚିତ । ଠିକ୍ ଅଛି , ଯିବା ରବିବାର, ନେଇ ଆସିବା ।''

""ସତ କଥା , କାଲି ମୁଁ ଭାଇଙ୍କୁ ''ଫୋନ୍ କରୁଛି । ସେ ସୁବିଧାରେ ଛାଡ ପାଇଯିବେ, ଭାବିଛନ୍ତି ।

ସଞ୍ଜୟ ଶାନ୍ତିରେ ଶୋଇବାକୁ ଗଲା ।

""ଏଇ ଉଠ, ଉଠୁନ, ଏମିତି କ'ଣ ନିଦ ମ ?'' ମୀରା ସଞ୍ଜୟକୁ ଜୋର୍‌ରେ ହଲାଇ ଦେଲା ।

""କେତେଟା ବାଜିଲାଣି କି ?'' ସଞ୍ଜୟ ଧଡପଡ ହୋଇ ଉଠି ଆଖି ମଳିବାରେ ଲାଗିଲା ।

""ଆଠଟା ଯେ - ଫୋନ୍‌ଟା ଏତେଥର ବାଜିଲା, ତୁମର କି କୁମ୍ଭକର୍ଣ୍ଣ ନିଦ, ଶୁଣି କ'ଣ ପାରୁଛ ତୁମେ ?'' ମୀରା କାହିଁକି ବିରକ୍ତ ହେଉଛି ଜାଣିପାରିଲା ନାହିଁ ସଞ୍ଜୟ ।

""ଫୋନ୍ ଯଦି ବାଜିଲା, ତୁମେ ଉଠେଇଲନି ?'' ସଞ୍ଜୟ ଭାବିଲା, ପ୍ରକୃତରେ ତା'ର ହିଁ ବିରକ୍ତ ହେବା କଥା ।

""ମୁଁ ଧରିଲିନି ତ ଆଉ କାହାର ଗରଜ ପଡିଛି ଯେ ସେ ଉଠେଇବ ?'' ମୀରା ମୁହଁ ଫଣ ଫଣ କରି କହିଲା ।

""କ'ଣ ହେଲା କି ? କାହା ଫୋନ୍ ଥିଲା ?'' ସଞ୍ଜୟ ଟିକିଏ ସ୍ୱର ବଦଳାଇ କହିଲା ।

""କ'ଣ ଆଉ ହେବ ? ତୁମ ବାପା ଫୋନ କରିଥିଲେ - ପଚାରିଲେ, କ'ଣ କରୁଛ ସେ ବିଷୟରେ ।'' ମୀରା ପୂର୍ବଭଳି ସ୍ୱରରେ ଉତ୍ତର ଦେଲା ।

""କୋଉ ବିଷୟରେ ?'' ନିଦ୍ରାଳୁ ଅବସ୍ଥାରେ ସଞ୍ଜୟ ବୁଝି ପାରୁନଥିଲା ଠିକ୍‌କରି କିଛି ।

""କୋଉ ବିଷୟରେ ଆଉ ?'' ବିରକ୍ତ ହୋଇଗଲା ମୀରା, ""ସେଇ ଅନୀତାଙ୍କ ବାହାଘର ବିଷୟରେ । ଚିଠି ଲେଖି ନ ଥିଲେ କି ଲକ୍ଷେଟଙ୍କା ଦେବାପାଇଁ ? କ'ଣ ଠିକ୍ କଲ, ପଚାରୁଥିଲେ । ତୁମକୁ ଖୋଜୁଥିଲେ, ମୁଁ କହିଲି, ଶୋଇଛନ୍ତି – ଉଠ ଉ ଠି କି' ପଚାରିଲି ଯେ କହିଲେ, ନାଇଁ ଆଉ, ସଞ୍ଜୁକୁ କହିବୁ ପରେ ମୋତେ ଫୋନ୍ କରିବ ।''

""ଓହୋ ।'' ହାଇ ମାରିଲା ସଞ୍ଜୟ, ରେଜେଇଟାକୁ ଦେହ ଉପରୁ କାଢ଼ି ଉଠି ପଡିଲା ଓ ବାଥରୁମ୍ ଆଡକୁ ଆଗେଇଲା ।

""କ'ଣ, କିଛି କରୁନ ଯେ ?'' ମୀରାର ସ୍ୱରରେ ଆସନ୍ନ ଯୁଦ୍ଧର ଘୋଷଣା ।

""ଅଫିସ୍‌ରୁ ଫେରେ – ଏବେ ତ ଏତେ ଡେରି ହେଲାଣି ।'' ସଞ୍ଜୟ ସଂକ୍ଷିପ୍ତ ଉତ୍ତର ଦେଲା । ମୀରା କିଛି ନ କହି ଟୁମ୍ ଟୁମ୍ କରି ବେଡ୍‌ରୁମ୍‌ରୁ ବାହାରିଗଲା ।

""'ଆଜି ଖାଇବା ଭଲ ହେଇଛି ନା ?'' ରାତି ଖାଇବା ବାଢ଼ିସାରି ପାଖ ଚେୟାର୍‌ରେ ବସିପଡି ମୀରା କହିଲା । ସକାଳର ଯୁଦ୍ଧଘୋଷ ସ୍ୱର ନ ଥିଲା ଆଉ ତା'ର – ବୋଧହୁଏ ସନ୍ଧିରେ ଅଧିକ ଲାଭ ଅଛି ବୋଲି ସେ ଜାଣିପାରିଥିଲା ।

""ହଁ , ଭାରି ଭଲ ଲାଗୁଛି । ତୁମେ ବି ଖାଅ ।''

""ନାଇଁ, ତୁମେ ଖାଇସାର'' ଆଉ ଟିକିଏ ଚୁଙ୍କୁଟି ତରକାରି ବାଢ଼ିଦେଇ ମୀରା କହିଲା, ""ଲକ୍ଷେ ଟଙ୍କା ଆମେ ଆଣିବା କୋଉଠୁ ?''

""ସତ କଥା ।'' ସଞ୍ଜୟ ଖାଇବାରେ ମନଦେଲା ।

""ଟିହଳୁ ଛାଡି, ଆମତୋଟା ପାଖରେ ଯେତକ ଜମି ଅଛି, ସେତକ ତ ବେଶି ଭଲ ନୁହେଁ, ଆବାଦୀ ବି ସେମିତି କିଛି

ହେଉନି — ବାପା ସେତକ ବିକି ଦିଅନ୍ତୁ । ଅନ୍ତତଃ ପଚାଶ ହଜାର ତ ହୋଇଯିବ । ସେ ଜମିରେ ତୁମର ଓ ଅଜୟ ଉଭୟଙ୍କର ଭାଗ - ଧରାଯାଉ ଡଣକ ଭାଗରେ ପଚିଶହଜାର ଚାନ୍ଦା ପଡିବ ।'' ମୀରା ଏତକ କହି ଟିକିଏ ଦମ୍ ନେଲା ।

" "ଆଉ ପଚାଶ ହଜାର ?'' ସଞ୍ଜୟଙ୍କୁ ଏମିତି ଗୋଟାଏ ପ୍ରପୋଜାଲ୍ ଅତି ସରସ ଲାଗିଲା ଓ ସେ ମୀରାର ବୁଦ୍ଧିମତ୍ତାରେ ଆଶ୍ଚର୍ଯ୍ୟ ହେଉଥିଲା ।

" "ଆଉ ପଚାଶ ପାଇଁ, କିଛି ଜିନିଷ ପାଇଁ କୁହନ୍ତୁ ବାପା, କୁହାକୁହି କରି ଏଇଠି କିଣାକିଣି କରିଦେବା । ଶସ୍ତାରେ ମିଳିଯିବ । ପଚାଶ ହଜାର ଟଙ୍କାର ଜିନିଷ ତିରିଶରେ ମିଳିଯିବ ।'' ମୀରା ଦୃଢ଼ ଭାବରେ କହିଲା ।

" "ହଉ, ମୁଁ ବାପାଙ୍କ ସାଙ୍ଗରେ କଥାବାର୍ତ୍ତା କରେ ।'' ସଞ୍ଜୟ ଆଶ୍ଚର୍ଯ୍ୟ ହେଉଥିଲା, ଖୁସି ବି ହେଉଥିଲା ମୀରାର ଉପସ୍ଥିତ ବୁଦ୍ଧି ଯୋଗୁଁ ।

" "କଥାବାର୍ତ୍ତା କ'ଣ କରିବ ? ତାଙ୍କୁ ଜୋର୍ କରି ଏଇ ପ୍ରସ୍ତାବ ଦିଅ । ସିଏ ଜନ୍ମ କରିଛେ ଯେ, ଆଉ ତାହା କରିବା ଆମେ ? ଆଜ୍ଞା ମାଗନ୍ତା ଘରେ ବୋହୂ ହେଲି ଯେ . . .'' ମୀରାର ସ୍ୱର କାନ୍ଦୁରା ଶୁଭିଲା ।

[illegible] ମୀରା ମୁହଁ ଫଣ ଫଣ କରି କହିଲା ।

[illegible]

ଚିଲିକା ପାଖ ଅଁ'ଚ୍ଚର କାମ ଚଞ୍ଚଳ ସରିଗଲା । ଏମିତିରେ ଜମା ଅଧଘଣ୍ଟାର କାମହିଁ ଥିଲା । କାମ ଥିବା ନ ଥିବାରେ ବି କ'ଣ ଅଛି, ତା'ର ତ ଆସିବାର ଥିଲା — ସଞ୍ଜୟ ଭାବୁଥିଲା । ବରକୁଳ ଗେଷ୍ଟ ହାଉସ୍‌ରେ ଲଞ୍ଚ ବରାଦ ହେଇଛି ! ତା' ନିଜ ରୁମ୍‌କୁ ଖାଇବା ମଗେଇ ଦେଲା ସଞ୍ଜୟ, ଦି'ଜଣଙ୍କ ପାଇଁ ।

" "ବସ ସରିତା, ମାତ୍ର କେଇ ଘଣ୍ଟାର ତ ରହଣି । ଫ୍ରେସ୍ ହେବାପାଇଁ ଗୋଟିଏ ରୁମ୍ ହିଁ ଯଥେଷ୍ଟ- ଦେଖୁ ତୁମକୁ ଅସୁବିଧାରେ କଲି ନାହିଁ!'' ସଞ୍ଜୟ ଏତକ କହିବା ଭିତରେ ଖାଇବା ଆସିଯାଇଥିଲା ଓ ସରିତା ଚୁପ୍‌ଚାପ୍ ଖାଉଥିଲା । ସଞ୍ଜୟ ଅଧିକ ଖାଇପାରିଲା ନାହିଁ ଓ ଆଗ ଉଠି ହାତ ଧୋଇବାକୁ ଗଲା ।

" "ତୁମେ ଟିକେ ବ୍ୟସ୍ତ ଦିଶୁଛ । କ'ଣ ହେଲା ? ଦେହ ଭଲ ଅଛି ତ ?'' ସଞ୍ଜୟ ପଚାରିଲା । ସରିତା ମଧ ଅଧିକା ନ ଖାଇ ଏ ଭିତରେ ହାତ ଧୋଇସାରିଥିଲା ।

" "ସାର୍, କିଛି ନାହିଁ, ଠିକ୍ ଅଛି ।''

ସରିତାର ଏମିତି ଉତ୍ତର ସତ୍ତ୍ୱେ ସଞ୍ଜୟ ଲକ୍ଷ୍ୟ କଲା ଯେ ସରିତା ଟିକିଏ ନର୍ଭସ ହେଉଛି, ସେ ମନେ ମନେ ଖୁସି ହେଲା ।

" "ଆସ ଏଇଠି ବସ । ପ୍ରକୃତରେ ତୁମର ସାହସ ମୋତେ ମୁଗ୍ଧ କରିଛି, '' ନିଜ ପାଖକୁ ଠାରିଲା ସଞ୍ଜୟ ।

" "ସାର୍, ମୋତେ ଭାରି ଡର ମାଡୁଛି ।''

" "କାହାକୁ ? ମୋତେ ? ମୋତେ ଦେଖୁଛ ତ ? ମୋ ଉପରେ କ'ଣ ଭରସା ନାହିଁ ତୁମର ? ଡରିବାର କିଛି ନାହିଁ ।''

" "ତେବେ ବି ସାର୍ . . .'' ସାମାନ୍ୟ କୁଣ୍ଠାପ୍ରକାଶ ପାଇଲା ସରିତାର ସ୍ୱରରେ , ଯଦିଓ ସେ ସଞ୍ଜୟ ନିର୍ଦ୍ଦେଶ କରିଥିବା ଜାଗାରେ ବସିସାରିଥିଲା ।

" "ମୁଁ ତୁମକୁ ଭଲପାଏ ସରିତା, ପ୍ରେମ କରେ । ମୋତେ ବିଶ୍ୱାସ କର . . .'' ସରିତାର ଛାତି ଉପରୁ ଓଢ଼ଣିଟାକୁ ସଯତ୍ନ ଖସାଇ ଦେଉ ଦେଉ ବିହ୍ୱଳ ଭାବରେ ଉଚ୍ଚାରଣ କଲା ସଞ୍ଜୟ ।

" "ସାର୍ ମୋ'ଠାକିରି ? ମୋ ପାଇଁ କିଛି ବୁଝିଦିଅନ୍ତୁ ସାର୍ । ବଡ ଅସୁବିଧାରେ ଅଛି,'' ବରକୂଳ ଛାଡିବାର ଠିକ

ପୂର୍ବକ୍ଷଣରେ ଠକି ଗଲା ସରିତା — ତା' ସ୍ୱରରେ କିଛି ଅଧିକାର ମିଶି ରହିଥିଲା ।

“"ଶୁଣ, ଏତକ ରଖ । ଦେଖ, ମନା କରନାହିଁ,'' ପକେଟ୍‌ରୁ ପାଞ୍ଚହଜାର ଟଙ୍କାର ବଣ୍ଡଲ୍‌ଟିଏ କାଢ଼ି ସରିତା ହାତରେ ଜବରଦସ୍ତି ଥାପିଲା ସଞ୍ଜୟ ।

“"ନାହିଁ ସାର୍, ଇଏ କ'ଣ ?'' ସରିତା ଟିକିଏ କୁଣ୍ଠା ଦେଖାଇଲା ।

“"ସରିତା , ଇଏ କିଛି ନୁହେଁ । କେବଳ ଦରକାର ପାଇଁ । ମୋ ଠାରେ ବିଶ୍ୱାସ ରଖ ତୁମପାଇଁ ଯାହା ସମ୍ଭବ, ମୁଁ ନିଶ୍ଚୟ କରିବି । ପ୍ଲିଜ୍, ରଖ ଏତକ — ମନା କରନାହିଁ ।'' ସଞ୍ଜୟର ସ୍ୱରରେ ଅନୁନୟ ଥିଲା ।

“"କ'ଣ ? ଏତେ ଡେରି ହେଲା ଯେ ?'' ଘରକୁ ଫେରିବାମାତ୍ରେ ମୀରା ଜୋର୍ ଦେଇ ପଚାରିଲା ।

“"ଆରେ , ତୁମକୁ କ'ଣ କହିବି ? ଆଜି ପରା ଇନିସ୍‌ପେକ୍‌ସନ୍ ଥିଲା,'' ସଞ୍ଜୟ ହୋଟା ଓଟ୍ଟାଇ ଓଟ୍ଟାଇ ଉତ୍ତର ଦେଲା । ମୀରାକୁ ଚାହିଁ କଥା ହେବାକୁ ଇଚ୍ଛା ହେଉ ନଥିଲା ତା'ର ।

“"ଦୂର୍ ? କାହିଁ, ମତେ କହିନ ତ ? କୁଆଡେ଼ ଗଲ ? ମୋତେ ତ ନେଇ ପାରିଥାନ୍ତ ।'' ମୀରାର ସ୍ୱରରେ ଦେଖା ଥିଲା ।

“"ଦଉଡ଼ି ଦଉଡ଼ି ଚିଲିକା ପାଖ ଅଫିସ୍ ଗଲି ଆଉ ଆସିଲି । ମୀରା, ଏଇଟା ଏତେ ହେକ୍‌ଟିକ୍ ଯେ, ତୁମକୁ ନେବା କଥା ଭାବି ବି ପାରିନି । ଏମିତି ସମୟ ନ ଥାଇ ତୁମକୁ ନେଇ ଲାଭ କ'ଣ ? ଚିଲିକା ଯିବ- ଟିକିଏ ମୋଟର ବୋଟ୍‌ରେ କାଳିଜାଇ କି ନଳବଣ ଯିବନି ତ, କାହିଁକି ଏତିକି ବାଟ ଯିବ ? ମୁଁ ଭାବୁଛି କ୍ରିସ୍‌ମାସ୍‌ରେ ତିନି ଚାରିଦିନ ଯାଇ ସେଠି ରହିବା । ଗେଷ୍ଟହାଉସ୍ ଆଗରୁ ବୁକ୍ କରି ଦେଇଥିବି । ପିଲାମାନଙ୍କୁ ନେଇଯିବା । ଆରାମ ଲାଗିବ ।'' ଅତି ସହଜ ଭାବରେ କୈଫିୟତ ଦେଲା ସଞ୍ଜୟ ।

“"ଜାଣିଛ, ଆଜି ବାପାଙ୍କୁ ଫୋନ୍ କରିଥିଲି ।''

ସଞ୍ଜୟ ହାଇ ମାରୁଥିଲା ଓ କିଛି ଶୁଣିବା ଅବସ୍ଥାରେ ନ ଥିଲା । କେମିତି ବିଛଣାରେ ପଡ଼ି ଆଖି ବୁଜିବ, ଖାଲି ସେକଥା ଭାବୁଥିଲା ସେ ।

“"ପ୍ରଥମେ ତ ବାପା ଟିକିଏ ଗାଁ ଗାଁ ହେଲେ, କିନ୍ତୁ ମୁଁ ଏତେ ଧୀରସ୍ଥିର ଭାବରେ ବୁଝାଇଲି ଯେ ଶେଷରେ ରାଜି ହେଲେ ।''

“"ହଁ, କ'ଣ କହୁଥିଲେ ଆଉ ?''

“"କହିଲେ ତୁମେମାନେ ଯାହା ଠିକ୍ ଭାବୁଛ, କର । ସବୁତ ତୁମରି ପାଇଁ ।''

ନିଜ ଘରର ସମ୍ପତ୍ତିକୁ ଅଯଥା ଖର୍ଚ୍ଚରୁ ବଞ୍ଚାଇବାକୁ ମୀରାର ପରିଶ୍ରମ ସଞ୍ଜୟକୁ ଭାରିଭଲ ଲାଗିଲା । ସହାନୁଭୂତି ବି ଆସିଲା ।

“"ମନଜିତ୍ ଦେଶାଇ ସେଦିନ କୋଡ଼ିଏ ହଜାର ଟଙ୍କା ଦେଇ ନଥିଲା ।'' ମୀରାକୁ ଚାହିଁ କହିଲା ସଞ୍ଜୟ ।

“"ଆଉ ?'' ମୀରା ଆକାଶରୁ ପଡ଼ିଲା ପରି କହିଲା ।

“"ସେଇଟା ପାଞ୍ଚଶହିଆ ନୋଟ୍‌ର ଦୁଇଟା ବଣ୍ଡଲ ଥିଲା — ଲକ୍ଷେ ଟଙ୍କାର ।''

“"ଏ ମା ! ମୋତେ କହିନ ! ଏତିକି ମିଛୁଆ ତୁମେ !'' ଡେରିରେ ହେଉ ପଛେ, ସ୍ୱାମୀର ସତ୍ୟ ସ୍ୱୀକାରୋକ୍ତି ମୀରାକୁ ଭାରି ଭଲ ଲାଗିଲା ।